# ଓଡିଶା ରାଜ୍ୟ ଅର୍ଥ ନିଗମ

ଓ.ଏମ.ପି ଛକ, କଟକ – ୭୫୩୦୦୩

# ବିକ୍ରୟ ବିଜ୍ଞାପନ

ବିଜ୍ଞାପନ ନଂ·DDAC/୦୫/୧୭-୧୮ ତା ୧୭/୦୧/୨୦୧୮

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦ ଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୩୦/୦୧/୨୦୧୮ ସମୟ ଦିବା ୧୦.୩୦ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ, ମୁଖ୍ୟ କାର୍ଯ୍ୟାଳୟ,, ଓ.ଏମ.ପି ଛକ, କଟକ – ୦୩ ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ୱାରା ନିମ୍ନୋକ୍ତ ଜବତ ସଂପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି । ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସ୍ଥାବର/ଅସ୍ଥାବର ସଂପତ୍ତିର ବିଶଦ ବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଗୁଡିକ ଆମ୍ଭର ୱେବ୍ ସାଇଟ୍ **www.osfcindia.com** ରୁ ସଂଗ୍ରହ କରି ହେବ । ଟେଣ୍ଡର ଫର୍ମ କୁ ସଠିକ୍ ଭାବେ ପୂରଣ କରି ତା ୨୯/୦୧/୨୦୧୮ ସମୟ ଅପରାହ୍ନ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇବାକୁ ହେବ କିମ୍ବା Registered Post/ Speed Post ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ । କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱିକୃତ ପ୍ରତିନିଧି ମାଧ୍ୟମରେ **DDAC** ରେ ଉପସ୍ଥିତ ହେବେ ଏବଂ ଯେଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସ- ତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ପେ ଅର୍ଡର/ବ୍ୟାଙ୍କର ଚେକ୍/ନଗଦ ଟଙ୍କା ଜମା ଭାବେ ଦେବାକୁ ହେବ । ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ । ବିକ୍ରୟ ସ- ତ୍ତିର ବଳକା ଦେୟ ପତ୍ର ମାଧ୍ୟମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ । ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ୍ୟ ନିଗମ ବ୍ୟାଜ୍ୟାପ୍ତି କରିପାରିବ ।

ଉକ୍ତ ସ- ତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସ- ତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ ।

ବିକ୍ରୟ ସ- ତ୍ତିର ବିବରଣୀ

| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ /ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧ | ଶ୍ରୀ ଜଗନ୍ନାଥ ରାଇସ୍ ମିଲ୍ (ପ୍ରା) ଲିଃ, ଗୋପ ଛକ, କେନ୍ଦ୍ରାପଡା (ଜ·ଗୃ·କ) ସଂ·ମୂ – ଟ· ୫୧·୬୭ ଲକ୍ଷ (ପାରାଦୀପ୍ ଶାଖା) | ଟ· ୨,୫୮,୫୦୦/- |
| ୦୨ | ମେସର୍ସ ଆଖଣ୍ଡଳମଣୀ ଟେକ୍ସଟାଇଲସ୍, ଗ୍ରାମ–ସୁକଳ, ପୋଷ୍ଟ – ମନ୍ଦାରୀ, ଥାନା–ବରୀ, ଯାଜପୁର (ଜ ·) ସଂ·ମୂ – ଟ· ୪·୩୦ ଲକ୍ଷ (ପାରାଦୀପ୍ ଶାଖା) | ଟ· ୨୧,୫୦୦/- |
| ୦୩ | ମେସର୍ସ ହୋଟେଲ ବୀଣା (ପ୍ରା) ଲିଃ, ନୟାବଜାର, ବାଲେଶ୍ୱର (ଜ·ଗୃ· କ·ଆ) ସଂ·ମୂ – ଟ· ୧୫୫·୪୨ ଲକ୍ଷ (ବାଲେଶ୍ୱର ଶାଖା) | ଟ· ୭,୭୭,୫୦୦/- |
| ୦୪ | ୟୁନିଟ୍ ଅଫ ବିମଳ ଶର୍ମା (ମାର୍ବଲଟୋନ୍ ଷ୍ଟୋନ୍ ଉଦ୍ୟୋଗ) ସିରିଆପଲ୍ଲୀ, କୁଳବିରା, ଝାରସୁଗୁଡା (ଜ) ସଂ·ମୂ – ଟ· ୮୮·୦୦ ଲକ୍ଷ (ସମ୍ବଲପୁର ଶାଖା) | ଟ· ୪,୪୦,୦୦୦/- |
| ୦୫ | ମେସର୍ସ ମହେଶ ଇଣ୍ଡଷ୍ଟ୍ରି, ଗୋପାଳପୁର, ବାଙ୍କି, କଟକ **(Kh – 319, Plot No. 894 & 896, Area – Ac.0.15 dec.)** (ଜ) ସଂ·ମୂ – ଟ· ୩·୫୩ ଲକ୍ଷ (କଟକ ଶାଖା) | ଟ· ୧୮,୦୦୦/- |

ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ଏତଦ୍ୱାରା ବିଜ୍ଞାପନ ଜାରି ମାଧ୍ୟମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ୱିକୃତପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନ ରେ ହାଜର ହୋଇ ଋଣ ପରିଶୋଧ କରି ସେମାନଙ୍କର ଜବତ ସ- ତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ । ସେ ମଧ୍ୟ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗାଡ କରି ଓ ଉପର ବିହିତ ମାଧ୍ୟମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସ- ତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ । ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବଯେ ସେମାନଙ୍କର ସ- ତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ । ନିଗମ ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ ।

ବି:ଦ୍ର – ବିକ୍ରୟ ବିଜ୍ଞାପନ ଏବଂ ୱେବ୍ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତ୍ରୁଟି ମାର୍ଜ୍ଜନୀୟ ।

ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ

ଜ·ଗୃ·କ ଆ· – ଜମି, ଗୃହ,କଳକବ୍ଜା ଓ ଆସବାବ ପତ୍ର

ସଂ ମୂ – ସଂରକ୍ଷିତ ମୂଲ୍ୟ

ଉପସାଧାରଣ ପରିଚାଳକ (ଋଣ ଆଦାୟ ବିଭାଗ)
ଓଡିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ, କଟକ – ୩